ACHIEVEMENTS

ଟ୍ରେଲି ମାଧ୍ୟମରେ ଲତାଜାତୀୟ ପନିପରିବା ଚାଷ କରନ୍ତୁ

OUAT Publication: No. 2024110382

## ମାଣ୍ଡିଆର ବିଭିନ୍ନ କିସମ ଉପରେ ଆଗୁଆ ଧାଡ଼ି କ୍ଷେତ୍ର ପ୍ରଦର୍ଶନ






**ବିଭିନ୍ନ ମାଣ୍ଡିଆ କିସମର ଗୁଣବତ୍ତା**

| କ୍ର. ନଂ. | କିସମ | ଅବଧି | ଫିଙ୍ଗର/ ଇଅର | ପିଲ ସଂଖ୍ୟା/ ଗଛପ୍ରତି | ୧୦୦୦ ବିହନ ଓଜନ(ଗ୍ରା) | ଉତ୍ପାଦନ କ୍ୟୁ/ହେ |
|---|---|---|---|---|---|---|
| ୧. | ତାରା | ୯୫-୧୦୦ | ୪ | ୨.୫ | ୨.୪ | ୧୦.୫ |
| ୨. | ଜନତେରସ | ୯୫ | ୪ | ୨ | ୨.୨ | ୯.୫ |
| ୩. | ବୁଢ଼ା ମାଣ୍ଡିଆ | ୧୦୩-୧୧୧ | ୫ | ୩ | ୨.୭ | ୧୬.୪ |
| ୪. | ଭୈରବୀ | ୧୨୦ | ୬ | ୨ | ୨.୫ | ୧୪.୮ |
| ୫. | ଶ୍ରୀରତ୍ନ | ୧୧୩ | ୭ | ୫.୫ | ୩.୧ | ୧୮.୮ |
| ୬. | ଅର୍ଜୁନ | ୧୦୫-୧୧୦ | ୭ | ୫ | ୨.୯ | ୧୮.୫ |

ମାଣ୍ଡିଆ ଚାଷ ପାଇଁ ଗଞ୍ଜାମ ଜିଲ୍ଲା ସାରା ରାଜ୍ୟରେ ପ୍ରସିଦ୍ଧ। ଜିଲ୍ଲାରେ ମାଣ୍ଡିଆ ଚାଷର ଉତ୍ପାଦନ ଓ ଉତ୍ପାଦିକତା ବୃଦ୍ଧି ନିମନ୍ତେ ୨୦୧୭ ମସିହାରୁ ଓଡ଼ିଶା ମିଲେଟ୍ ମିସନ ଦ୍ୱାରା ଗୁରୁତ୍ୱ ଦିଆଯାଉଛି। ପରିବର୍ତ୍ତିତ ପରିସ୍ଥିତିରେ ମାଣ୍ଡିଆ ଏକ ଜଳବାୟୁ ସହଣୀ ଫସଲ। ଜିଲ୍ଲାରେ ପାରମ୍ପରିକ କିସମ ବୁଢ଼ାମାଣ୍ଡିଆ, ତାରା, ଜନତେରସ୍ ପ୍ରାୟ ୩୭୫୦ ହେକ୍ଟର ଜମିରେ ଚାଷ କରାଯାଏ। କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ଚଳିତ ବର୍ଷ ଖରିଫ ଋତୁରେ ଏହି କିସମଗୁଡ଼ିକ ସହ ନୂତନ କିସମ ଶ୍ରୀରତ୍ନ, ଅର୍ଜୁନ, ଭୈରବୀ କିସମଗୁଡ଼ିକୁ ନେଇ କରାଯାଇଥିବା ପରୀକ୍ଷଣରୁ ଜଣାଗଲା ଯେ, ଶ୍ରୀରତ୍ନରେ ଅଧିକ ଅମଳ ମିଳୁଛି। ଏହାର ଅମଳ ହେକ୍ଟର ପିଛା ୧୮.୮ କ୍ୱିଣ୍ଟାଲ ହେଇଥିବା ବେଳେ ଅର୍ଜୁନ ଓ ଭୈରବୀ କିସମରୁ ଅମଳ ଯଥାକ୍ରମେ ୧୮.୫ କ୍ୱିଣ୍ଟାଲ ଓ ୧୪.୮ କ୍ୱିଣ୍ଟାଲ ମିଳିଥିଲା ।

## କେନ୍ଦ୍ର ଦ୍ୱାରା ଆୟୋଜିତ ବିଭିନ୍ନ ସଂପ୍ରସାରଣ କାର୍ଯ୍ୟକ୍ରମ


ଯୁବଚାଷୀ ସମ୍ମାନୀତ


ବେତାର ମାଧ୍ୟମରେ କୃଷିବାର୍ତ୍ତା ପ୍ରେରଣ



ମହିଳାମାନଙ୍କ ପାଇଁ ପାକଶାଳା ବଗିଚା



ପୁରୁଣା ପ୍ରଶିକ୍ଷାର୍ଥୀଙ୍କ ପାଇଁ କାର୍ଯ୍ୟକ୍ରମ



ସ୍ୱୟଂସହାୟକ ଗୋଷ୍ଠୀ ସଭ୍ୟାମାନଙ୍କ ସହ ଆଲୋଚନା


ଧାନ ଫସଲରେ ରୋଗପୋକ ସର୍ବେକ୍ଷଣ

This News letter is Printed, Published & Owned by Sr. Scientist and Head, KVK, Ganjam-II, Berhampur (Golanthara)
E-mail: kvk.ganjam2@ouat.ac.in, Website : www.kvkganjam2.org
Print & Design : Ankita Graphics, BBSR, Cell:9437077337, E-amil: saroj77337@gmail.com
**Editor:** Dr. Sidhartha Sankar Das
**Chief Editor:** Dr. Sujit Kumar Nath





# କିଆଫୁଲ
# The Kiaphula

କୃଷି ବିଜ୍ଞାନ କେନ୍ଦ୍ର, ଗଞ୍ଜାମ-୨
Krishi Vigyan Kendra, Ganjam-II





ଦ୍ୱାଦଶ ବର୍ଷ ପ୍ରଥମ ସଂଖ୍ୟା ଅପ୍ରେଲ-ସେପ୍ଟେମ୍ବର ୨୦୨୪ | Vol. XII Issue-I April-Sept. 2024

## କାର୍ଯ୍ୟାଳୟ ପରିସରରେ ଅତିଥି


ଅଧକ୍ଷ, ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ, ଓୟୁଏଟି


ଡ. ନିକୋଲୋ, ବିଶ୍ୱବ୍ୟାଙ୍କ ଅଧିକାରୀ


ବିଭିନ୍ନ ଜିଲ୍ଲାର ମତ୍ସ୍ୟଚାଷୀଗଣ


କୃଷି ସ୍ନାତକଗଣ

## ସଂପ୍ରସାରଣ ଅଧକ୍ଷଙ୍କ କଲମରୁ...



ଗଞ୍ଜାମ ଜିଲ୍ଲାର ଗ୍ରାମୀଣ ଅର୍ଥନୀତି ମୁଖ୍ୟତଃ କୃଷିକୈନ୍ଦ୍ରିକ। କୃଷିକୁ ଏକ ଲାଭଜନକ ବ୍ୟବସାୟରେ ପରିଣତ କରିବା ନିମନ୍ତେ ତଥା କୃଷି ଏବଂ ଅନ୍ୟାନ୍ୟ ଆନୁସଂଗିକ କ୍ଷେତ୍ରରେ ଦେଖା ଯାଇଥିବା ସମସ୍ୟାକୁ ଠିକ୍ ଭାବରେ ଆକଳନ କରି ସଠିକ୍ ପଦକ୍ଷେପ ନେବାରେ କୃଷି ବିଜ୍ଞାନ କେନ୍ଦ୍ର ସର୍ବଦା ତତ୍ପର। କୃଷି ବିଜ୍ଞାନ କେନ୍ଦ୍ର, ବ୍ରହ୍ମପୁର, ଶସ୍ୟ, ଡାଲି, ତୈଳବୀଜ, ପନିପରିବା, ଉଦ୍ୟାନକୃଷି ଜାତୀୟ ଫସଲ ସହ ଗୋପାଳନ, ଛେଳି ପାଳନ, କୁକୁଡ଼ା ପାଳନ, ମତ୍ସ୍ୟଚାଷ ଏବଂ ଛତୁଚାଷ ଆଦି କ୍ଷେତ୍ରରେ ବୈଜ୍ଞାନିକ ଜ୍ଞାନ କୌଶଳର ପ୍ରୟୋଗ ତଥା କ୍ଷୁଦ୍ର ଏବଂ ନାମମାତ୍ର ଚାଷୀମାନଙ୍କୁ ସ୍ୱାବଲମ୍ବୀ କରିବା ନିମନ୍ତେ ପଦକ୍ଷେପ ନେଇ ଆସୁଅଛି। ଗଞ୍ଜାମ ପରି ଜଳବାୟୁ ସମ୍ବେଦନଶୀଳ ଜିଲ୍ଲାରେ ସମନ୍ୱିତ କୃଷି ପ୍ରଣାଳୀକୁ ଲୋକପ୍ରିୟ କରିବା ସହିତ ଏହା ଅନେକ କୃଷିଭିତ୍ତିକ ସ୍ୱରୋଜଗାର କାର୍ଯ୍ୟକ୍ରମ ଗ୍ରହଣ କରି ଆସୁଅଛି। ଓଡ଼ିଶା ସରକାରଙ୍କ ସହାୟତାରେ ଫଳଚାଷକୁ ଆଦୃତ କରିବାକୁ ବିଭିନ୍ନ ବ୍ଲକ୍‌ରେ ଦକ୍ଷତା ବୃଦ୍ଧି ତାଲିମ୍ ପ୍ରଦାନ କରୁଅଛି। କୃଷିରେ ନିୟୋଜିତ ଜିଲ୍ଲାର ପଢୁଆ ଯୁବକ ଯୁବତୀମାନଙ୍କୁ ବିଭିନ୍ନ ସ୍ତରରେ ସମ୍ମାନିତ କରି ସମାଜରେ ତାଙ୍କର ମାନବୃଦ୍ଧି କିରିବା ସହ ସେମାନଙ୍କୁ ଉତ୍ସାହିତ କରିଛି କୃଷି ବିଜ୍ଞାନ କେନ୍ଦ୍ର। ବିଗତ ଛ'ମାସର କାର୍ଯ୍ୟାବଳୀରେ ପରିପୁଷ୍ଟ 'କିଆଫୁଲ'ର ଏହି ସଂସ୍କରଣ ଜିଲ୍ଲାର ସମସ୍ତ କୃଷିଜୀବୀ ମହିଳା ଓ ପୁରୁଷ, କୃଷି ଅଧିକାରୀ ଏବଂ କୃଷି ଅନୁସନ୍ଧିତ୍ସୁଙ୍କ ପାଇଁ ଜ୍ଞାନର ବାର୍ତ୍ତାବହ ହେବ, ଏହା ହିଁ ଆଶା ରଖୁଛି।

ପ୍ରସନ୍ନଜିତ୍ ମିଶ୍ର
(ପ୍ରସନ୍ନଜିତ୍ ମିଶ୍ର)

## ମୁଖ୍ୟ ସଂପାଦକଙ୍କ କଲମରୁ...



କୃଷି ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଇବା ସହ ଏହାର ସଫଳ ରୂପାୟନ ଦିଗରେ ସମାଚାର ପତ୍ରର ପ୍ରକାଶନ ଏକ ଉଲ୍ଲେଖନୀୟ ପଦକ୍ଷେପ। କୃଷି ଏବଂ ଆନୁସଙ୍ଗିକ କ୍ଷେତ୍ରରେ ଗଞ୍ଜାମ ଜିଲ୍ଲାର ଚାଷୀମାନେ ଅନେକ ସଫଳତାର ଉଦାହରଣ ସୃଷ୍ଟି କରିପାରିଛନ୍ତି। କୃଷି ବିଜ୍ଞାନ କେନ୍ଦ୍ର, ବ୍ରହ୍ମପୁର କୃଷକ ଏବଂ କୃଷିଜୀବୀ ମହିଳାମାନଙ୍କର ଜ୍ଞାନକୌଶଳ ଆବଶ୍ୟକତା ମେଣ୍ଟାଇବା ଉଦ୍ଦେଶ୍ୟରେ ଇତିମଧ୍ୟରେ ଅନେକ କ୍ଷେତ୍ର ପରୀକ୍ଷଣ, କ୍ଷେତ୍ର ପ୍ରଦର୍ଶନ ଏବଂ ତାଲିମ୍ କାର୍ଯ୍ୟକ୍ରମ ଗ୍ରହଣ କରିଛି। କୃଷି ଏବଂ ଆନୁସଙ୍ଗିକ ସରକାରୀ ବିଭାଗ ସହ ଉପଯୁକ୍ତ ଯୋଗାଯୋଗ ରକ୍ଷାକରି କୃଷି ବିଜ୍ଞାନ କେନ୍ଦ୍ର ଜିଲ୍ଲା କୃଷକ ସଂପ୍ରଦାୟର ଆର୍ଥିକ ମାନଦଣ୍ଡରେ ଉନ୍ନତି ନିମନ୍ତେ ସମୟୋଚିତ ପଦକ୍ଷେପ ନେଇ ପାରିଛି। କୃଷି ବିଜ୍ଞାନ କେନ୍ଦ୍ର କାର୍ଯ୍ୟକ୍ରମର ସଫଳତାକୁ ନେଇ ଏହି ସମାଚାର ପତ୍ର ପ୍ରକାଶ ପାଇ ଆସୁଅଛି। 'କିଆଫୁଲ'ର ଏହି ସଂସ୍କରଣ ଆଧୁନିକ କୃଷିଭିତ୍ତିକ ତଥ୍ୟ ଉପସ୍ଥାପନାରେ ସହାୟକ ହେଉ, ଏହା ହିଁ କାମନା।

ସୁଜିତ୍ କୁମାର ନାଥ
(ସୁଜିତ୍ କୁମାର ନାଥ)

## କଙ୍କଡ଼ା ପାଳନ ଓ ଅଭିବୃଦ୍ଧିରେ ବିଭିନ୍ନ ଖାଦ୍ୟ ଉପରେ ସଫଳ କ୍ଷେତ୍ର ପରୀକ୍ଷଣ

ଗଞ୍ଜାମ ଜିଲ୍ଲାର ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳରେ ପ୍ରାୟ ୨୨୦ ହେକ୍ଟର ପରିମିତ ଜଳରାଶିରେ କଙ୍କଡ଼ା ଚାଷ କରାଯାଉଛି। ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଆଶାନୁରୂପକ ଓଜନ ବୃଦ୍ଧି ଓ ଏହାର ବିବିଧତା ଏକ ମୁଖ୍ୟ ସମସ୍ୟା ଯୋଗୁଁ ଚାଷୀମାନେ ବହୁତ ଆର୍ଥିକ କ୍ଷତି ସହୁଛନ୍ତି। ଏହି ଅସୁବିଧାକୁ ଦୂର କରିବା ନିମନ୍ତେ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ କଙ୍କଡ଼ା ଚାଷରେ ଖାଦ୍ୟ ପରିଚାଳନା ଉପରେ ଏକ ପରୀକ୍ଷଣ କରାଯାଇଥିଲା। ଯେଉଁଥିରେ ଖାଦ୍ୟ ରୂପେ ପ୍ରଥମ ପରୀକ୍ଷା ବିକଳ୍ପରେ ବ୍ରୟଲର୍ ଚିକେନ୍‌ର ଅନ୍ତନାଳୀ ଓ ଦ୍ୱିତୀୟ ପରୀକ୍ଷା ବିକଳ୍ପ ରୂପେ ବଜାରରେ ଉପଲବ୍ଧ ଛୋଟ କିମ୍ବା ବର୍ଜ୍ୟ ମାଛ ନିଆଯାଇଥିଲା। ଚାଷୀମାନଙ୍କୁ ଉପଯୁକ୍ତ ତାଲିମ ଦେବା ସହିତ ମାଛ ଖାଦ୍ୟର ପ୍ରକ୍ରିୟାକରଣ ଓ



ପୋଖରୀରେ ଖାଇବାକୁ ଦେବା ପଦ୍ଧତି ଉପରେ ପ୍ରଦର୍ଶନ ମାଧ୍ୟମରେ ବୁଝାଇ ଦିଆଯାଇଥିଲା। ପରୀକ୍ଷାରେ କଙ୍କଡ଼ା ପୋଖରୀର ମାଟି ଓ ପାଣିର ଗୁଣବତ୍ତାକୁ ଅନୁମୋଦିତ ସୀମା ମଧ୍ୟରେ ରଖାଯାଇଥିଲା। ଦୁଇଟି ବିକଳ୍ପ ପରୀକ୍ଷଣରେ ଯଦିଓ କଙ୍କଡ଼ା ଉତ୍ପାଦନ ଭିତରେ ପରିସଂଖ୍ୟାନ ଭିନ୍ନତା ଦେଖିବାକୁ ମିଳିନଥିଲା, ଦ୍ୱିତୀୟ ପରୀକ୍ଷାରେ ଅଧିକା ଉତ୍ପାଦନ (୫୭୦ କି.ଗ୍ରା/ହେକ୍ଟର) ଓ ପ୍ରଥମ ବିକଳ୍ପ ପରୀକ୍ଷଣରେ (୫୪୦କି.ଗ୍ରା. ହେକ୍ଟର) ଉପଲବ୍ଧ ହୋଇଥିଲା; ଅପର ପାର୍ଶ୍ୱରେ ଚାଷୀ ନିଜର ପାରମ୍ପରିକ ପଦ୍ଧତିରେ ହେକ୍ଟର ପ୍ରତି ୩୮୦ କି.ଗ୍ରା. ଅମଳ କରିଥିଲା। ପ୍ରଥମ ବିକଳ୍ପରେ ହେକ୍ଟର ପ୍ରତି ଟ୪,୭୦,୦୦୦ଙ୍କା ଲାଭ ମିଳିଥିବା ବେଳେ, ଦ୍ୱିତୀୟ ବିକଳ୍ପରେ ହେକ୍ଟର ପ୍ରତି ଟ୪,୧୫,୦୦୦ ଙ୍କା ଲାଭ ମିଳିଥିଲା। ଅନ୍ୟପକ୍ଷରେ ଚାଷୀ ନିଜସ୍ୱ ପଦ୍ଧତିରେ ହେକ୍ଟର ପ୍ରତି ୩,୦୫,୦୦୦ ଟଙ୍କା ଲାଭ କରିଥିଲା।

## ସୁଆଁର ବିଭିନ୍ନ କିସମର କ୍ଷେତ୍ର ପରୀକ୍ଷଣ



ଗଞ୍ଜାମ ଜିଲ୍ଲାରେ ଖରିଫ ଋତୁରେ ପାଖାପାଖି ୩୫୦ ହେକ୍ଟର ଜମିରେ ସୁଆଁ ଚାଷ କରାଯାଏ। କମ୍ ଅମଳ ହେଲେ ମଧ୍ୟ ଦେଶୀ କିସମ ସାନ ସୁଆଁ ଅଧିକ ଚାଷ କରାଯାଏ। କୃଷି ବିଜ୍ଞାନ କେନ୍ଦ୍ର ବ୍ରହ୍ମପୁର ତରଫରୁ ପାତ୍ରପୁର ବ୍ଲକ୍‌ର ତଳପଦର ଗ୍ରାମରେ ସୁଆଁର ବିଭିନ୍ନ କିସମକୁ ନେଇ କ୍ଷେତ୍ର ପରୀକ୍ଷଣ ହୋଇଥିଲା ଏଥିରେ ସୁଆଁର ଦୁଇଟି ନୂତନ କିସମ କଳିଙ୍ଗ ସୁଆ-୨୧୭ ଓ ଓ.ଏଲ୍.ଏମ୍-୨୦୮ (OLM-୨୦୮)କୁ ନିଆଯାଇଥିଲା। ଏହି ଦୁଇଟି କିସମ ମଧ୍ୟରୁ କଳିଙ୍ଗସୁଆଁର ଅମଳ ହେକ୍ଟର ପିଛା ୯.୩ କ୍ୱିଣ୍ଟାଲ ହୋଇଥିବା ବେଳେ OLM-୨୦୮ର ଅମଳ ହେକ୍ଟର ପିଛା ୮.୪ କ୍ୱିଣ୍ଟାଲ ହୋଇଥିଲା ଓ ଚାଷୀ କ୍ଷେତ୍ରରେ ଅମଳ ୫.୮ କ୍ୱିଣ୍ଟାଲ ହୋଇଥିଲା, ଏହାଛଡ଼ା କଳିଙ୍ଗ ସୁଆଁ-୨୧୭ କିସମ ରୋଗ ଓ ପୋକ ନିରୋଧକ ମଧ୍ୟ ଥିଲା।

## ମକା ଫସଲରେ ଫଲ୍ ଆର୍ମି ୱର୍ମ ପୋକ ପରିଚାଳନାର ଆଗୁଆ ଧାଡ଼ି କ୍ଷେତ୍ର ପ୍ରଦର୍ଶନ

ଗଞ୍ଜାମ ଜିଲ୍ଲାରେ ପ୍ରାୟ ୧୨,୦୦୦ ହେକ୍ଟର ଜମିରେ ମକା ଓ ମିଠାମକା ଚାଷ ହୋଇଥାଏ। ଏହି ଫସଲରେ ବିଦେଶୀ ପୋକ ଫଲ୍ ଆର୍ମି ୱର୍ମର ପ୍ରାଦୁର୍ଭାବ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଫଳରେ ଚାଷୀର ଉତ୍ପାଦନ ଓ ଲାଭ କମି ଯାଉଛି। ଏହାର ପରିଚାଳନା କରିବା ପାଇଁ ଦିଗପହଣ୍ଡି ବ୍ଲକ୍‌ର ଗୋକର୍ଣ୍ଣପୁର ଗ୍ରାମରେ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ଆଗୁଆ ଧାଡ଼ି କ୍ଷେତ୍ର ପ୍ରଦର୍ଶନ କରାଯାଇଥିଲା। ଏଥିରେ ନିମ୍ବ ତେଲ ୫ମି.ଲି. ପ୍ରତି ଲିଟର ପାଣି ସହିତ ପ୍ରଥମ ଅବସ୍ଥାରେ ପ୍ରୟୋଗ କରାଯାଇ ପରେ ସ୍ପିନେଟୋରାମ୍ ୦.୫ମି.ଲି. ପ୍ରତି ଲିଟର ପାଣି ସହିତ ପ୍ରୟୋଗ କରାଯାଇଥିଲା। ଦ୍ରବଣକୁ ବ୍ୟବହାର କରିବା ପୂର୍ବରୁ ସେଥିରେ ଥାଓଡିକାର୍ବ ୧୦୦ ଗ୍ରା. ମିଶାଇ ଥୋପକୁ ଗଛ ପତ୍ରର କୋରଡ଼ରେ ରଖା ଯାଇଥିଲା। ଯଦ୍ୱାରା ଫଲ୍ ଆର୍ମି ୱର୍ମ ପୋକର କ୍ଷତି ପରିମାଣ ଶତକଡ଼ା ୨୫ ଭାଗ ନିୟନ୍ତ୍ରଣ କରାଯାଇପାରିଥିଲା ଓ ଅନ୍ୟ





ସ୍ଥାନକୁ ବ୍ୟାପି ପାରିନଥିଲା। ଏହି ଜ୍ଞାନକୌଶଳଟି ଉକ୍ତ ଗ୍ରାମ ଓ ଆଖପାଖ ଗ୍ରାମର ଚାଷୀଭାଇମାନଙ୍କ ଦ୍ୱାରା ବେଶ୍ ଆଦୃତ ହୋଇପାରିଛି।





## କୃଷି ବିଜ୍ଞାନ କେନ୍ଦ୍ରରେ ଗାଜର ଘାସ ନିରାକରଣ ସଚେତନତା ସପ୍ତାହ ପାଳିତ

କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ଅଗଷ୍ଟ ମାସ ତୃତୀୟ ସପ୍ତାହରେ ଗାଜର ଘାସ (ପାର୍ଥେନିୟମ୍) ନିରାକରଣ ସଚେତନତା ସପ୍ତାହ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରର ବୈଜ୍ଞାନିକଗଣ, ଦକ୍ଷିଣ ଓଡିଶାର ପାଞ୍ଚଟି ଜିଲ୍ଲାର ପ୍ରାୟ ୪୦ ଜଣ ଚାଷୀ ଏକତ୍ରିତ ହୋଇ ଗାଜର ଘାସ ନିରାକରଣ ସଚେତନତା ଅଭିଯାନର ଶୁଭାରମ୍ଭ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ପାର୍ଶ୍ୱ ରାସ୍ତା କଡ଼ ଏବଂ ଫାର୍ମ ମଧ୍ୟରେ ଥିବା ପାର୍ଥେନିୟମ୍ ଗଛଗୁଡ଼ିକୁ ନଷ୍ଟ କରିଥିଲେ। ଏହା ପରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇ, ଏହି ଘାସ କିପରି ଫସଲର କ୍ଷତି କରିବା ସହିତ ମଣିଷ, ଗୃହ ପାଳିତ ପଶୁ ଶରୀରରେ




ମାରାତ୍ମକ ରୋଗ ସୃଷ୍ଟି କରିଥାଏ ଏବଂ ଏହାର ନିରାକରଣ ସମ୍ପର୍କରେ ଆଲୋଚନା କରାଯାଇଥିଲା। କୃଷକମାନେ ଏହି ଘାସକୁ ନିୟନ୍ତ୍ରଣ କରିବାର ବାର୍ତ୍ତା ସେମାନଙ୍କ ନିଜ ଅଞ୍ଚଳକୁ ନେଇଯାଇଥିଲେ।

## କୃଷି ବିଜ୍ଞାନ କେନ୍ଦ୍ର ପ୍ରାଙ୍ଗଣରେ ବନ ମହୋତ୍ସବ ପାଳିତ



ପ୍ରତିବର୍ଷ ପରି ଏ ବର୍ଷ ଜୁଲାଇ ମାସ ପ୍ରଥମ ସପ୍ତାହରେ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ବନ ମହୋତ୍ସବ ଦିବସ ପାଳିତ ହୋଇଯାଇଛି। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧିନସ୍ଥ ମତ୍ସ୍ୟ ବିଜ୍ଞାନ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ସନ୍ତୋଷ କୁମାର ଉଦ୍ଗାତା ଏବଂ ପୁଷ୍ଟି ଶସ୍ୟ ଗବେଷଣା କେନ୍ଦ୍ରର ଭାରପ୍ରାପ୍ତ ବୈଜ୍ଞାନିକ ଡ଼. ପବିତ୍ର ମୋହନ ମହାପାତ୍ର କେନ୍ଦ୍ର ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ପ୍ରାୟ ୧ହେକ୍ଟର ଜମିରେ ବିଭିନ୍ନ ପ୍ରକାର ନୂତନ ଆମ୍ବ କିସମକୁ ପରୀକ୍ଷା କରିବା ପାଇଁ ଚାରା ରୋପଣ ଆରମ୍ଭ ହୋଇଥିଲା। ଇତ୍ୟବସରରେ ବୃକ୍ଷ ଓ ଜଙ୍ଗଲର ଗୁରୁତ୍ୱକୁ ହୃଦୟଙ୍ଗମ କରିବା ପାଇଁ ସ୍ଥାନୀୟ ରାଧାମୋହନପୁର ଓ କୁସୁମି ଗ୍ରାମର ଚାଷୀମାନଙ୍କୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା ଏବଂ ଉପସ୍ଥିତ ୨୦ ଜଣ ଚାଷୀଙ୍କୁ ଜଳବାୟୁ ଅନୁକୂଳ ୫ ଗୋଟି ଧାନ ବିହନ କିସମ ସ୍ୱର୍ଣ୍ଣଶ୍ରୀୟା, କଳିଙ୍ଗଧାନ-୧୨୦୩, ୧୨୦୪, ୧୨୦୫, ସି ଆର୍-୩୧୪ ବଣ୍ଟନ କରାଯାଇଥିଲା। କେନ୍ଦ୍ରର ସମସ୍ତ ବୈଜ୍ଞାନିକ ଓ କର୍ମକର୍ତ୍ତା ଉପସ୍ଥିତ ରହି ମହୋତ୍ସବ ପାଳନରେ ସହାୟତା କରିଥିଲେ।

## ଜିଲ୍ଲାସ୍ତରୀୟ ଅକ୍ଷୟ ତୃତୀୟା ପାଳିତ

ଜିଲ୍ଲାସ୍ତରୀୟ ଅକ୍ଷୟ ତୃତୀୟା ଦିବସ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ନିରାଡମ୍ବରଭାବେ ପାଳିତ ହୋଇଯାଇଛି। କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ତଥା ବରିଷ୍ଠ ବୈଜ୍ଞାନିକ ଡ.ସୁଜିତ୍ କୁମାର ନାଥ କାର୍ଯ୍ୟକ୍ରମରେ ଅଖିମୁଠି ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଜିଲ୍ଲାର କୃଷି, ପଶୁପାଳନ, ମତ୍ସ୍ୟ, ଉଦ୍ୟାନ ଓ ମୃତ୍ତିକା ସଂରକ୍ଷଣ ବିଭାଗର କ୍ଷେତ୍ରକର୍ମଚାରୀମାନେ ଉପସ୍ଥିତ ଥିଲେ। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସୁବ୍ରତ କୁମାର ସାହୁ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ଜିଲ୍ଲାର କୃଷି କାର୍ଯ୍ୟକୁ ରୋଜଗାର ଆଭିମୁଖ୍ୟ କରିବା ପାଇଁ ଉକ୍ତ ଦିବସର ତାତ୍ପର୍ଯ୍ୟ ସଂପର୍କରେ କହିଥିଲେ। ଜିଲ୍ଲା ଉଦ୍ୟାନ ଉପନିର୍ଦ୍ଦେଶକ ଫଳଗଛ ରୋପଣ ଉପରେ ଗୁରୁତ୍ୱାରେପ କରିଥିବା ବେଳେ ଛାୟା



ମିଶନ୍‌ର ପ୍ରକଳ୍ପ ନିର୍ଦ୍ଦେଶକ କମ୍ ବୃଷ୍ଟିରେ ତିଷ୍ଠି ପାରୁଥିବା ଫସଲ ଉପରେ ଗୁରୁତ୍ୱ ଦେଇଥିଲେ। ଉପଖଣ୍ଡ ପଶୁ ଚିକିତ୍ସା ଅଧିକାରୀ ପଶୁ ପାଳନକୁ ଫସଲ ଚାଷ ସହ ମିଶାଇଲେ କୃଷିର ଉନ୍ନତି ହେବ ବୋଲି କହିଥିଲେ। ଜିଲ୍ଲା କୃଷି ଅଧିକାରୀ ଅକ୍ଷୟତୃତୀୟ ଦିବସର କୃଷି ସହ ସଂପର୍କ ବିଷୟରେ ବୁଝାଇଥିଲେ।